# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**18 February – 2025**

## News Editor – Itishree Singh Rathaur

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଗ୍ରାମ୍ୟ ସଡକ ଯୋଗାଯୋଗ କ୍ଷେତ୍ରରେ ଆଗାମୀ ୫ ବର୍ଷରେ ଖର୍ଚ୍ଚ ହେବ ୫ ହଜାର କୋଟି

- ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ୪୫ ହଜାର ହେକ୍ଟର ନୂଆ ଘଞ୍ଚ ଜଙ୍ଗଲ ସୃଷ୍ଟି କରାଯାଇଥିବା ବିଧାନସଭାରେ ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ

- ରାଜ୍ୟରେ ଆରମ୍ଭ ହେଲା ଯୁକ୍ତଦୁଇ ପରୀକ୍ଷା; ଚଳିତବର୍ଷ ପରୀକ୍ଷା ଦେଉଛନ୍ତି ୩ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ

ଏବଂ

- ଏଫ୍ଆଇଏଚ୍ ପ୍ରୋ-ହକି ଲିଗ୍‌ର ମହିଳା ବର୍ଗରେ ଭାରତ-ସ୍ପେନ୍ ମଧ୍ୟରେ ଜାରି ରହିଛି ମ୍ୟାଚ୍

## ବିଧାନସଭା- ସଡକ ଯୋଗାଯୋଗ

ଗ୍ରାମ୍ୟ ସଡକ ଯୋଗାଯୋଗ କ୍ଷେତ୍ରରେ ଆଗାମୀ ୫ ବର୍ଷରେ ୫ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀଙ୍କ ତରଫରୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ବିଧାନସଭାରେ ସୂଚନା ଦେଇଛନ୍ତି। ଗୃହରେ ଆଜି ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି 'ବିକଶିତ ଗାଁ-ବିକଶିତ ଓଡ଼ିଶା' ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରାଯାଇଛି।  ୨ ହଜାର ୩୮୦ଟି ଗ୍ରାମକୁ ସଡକ ଯୋଗାଯୋଗ ହୋଇ ନଥିବା ଚିହ୍ନଟ ହୋଇଛି ଏବଂ ସେଥିମଧ୍ୟରେ ୫୮ଟି ଗ୍ରାମ ମୟୂରଭଞ୍ଜ ଜିଲ୍ଲାରେ ରହିଛି ବୋଲି ସେ କହିଛନ୍ତି।

## ବିଧାନସଭା-ଜଙ୍ଗଲ

ରାଜ୍ୟରେ ଗତ ୫ ବର୍ଷ ମଧ୍ୟରେ ୪୫ ହଜାର ୪୮୫ ଦଶମିକ ୬/୮ ହେକ୍ଟର ନୂଆ ଘଞ୍ଚ ଜଙ୍ଗଲ ସୃଷ୍ଟି କରାଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି। ବିଧାନସଭାରେ ଆଜି ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ୨୦୨୦-୨୧ରୁ ୨୦୨୪-୨୫ ଆର୍ଥିକବର୍ଷ ମଧ୍ୟରେ ଏହି ଜଙ୍ଗଲ ସୃଷ୍ଟି ହୋଇଛି। ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥାର ରିପୋର୍ଟ ଅନୁଯାୟୀ, ରାଜ୍ୟରେ ମୋଟ୍ ୫୨ ହଜାର ୪୩୩ ଦଶମିକ ୫/୬ ବର୍ଗ କିଲୋମିଟର ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ରହିଛି। ୨୦୨୧ ଏବଂ ୨୦୨୩ ରିପୋର୍ଟକୁ ତୁଳନା କଲେ ରାଜ୍ୟରେ ମୋଟ୍ ୧୫୧ ଦଶମିକ ୮/୯ ବର୍ଗକିଲୋମିଟର ଆଚ୍ଛାଦିତ ଅଞ୍ଚଳ ବୃଦ୍ଧି ପାଇଛି ବୋଲି ମନ୍ତ୍ରୀ ଗୃହରେ

ସୂଚନା ଦେଇଛନ୍ତି। ସେହିପରି ରାଜ୍ୟରେ ମୋଟ୍ ୨୪ ହଜାର ୧୪୩ ଦଶମିକ ୫/୯ ବର୍ଗ କିଲୋମିଟର ଖୋଲା ଜଙ୍ଗଲ ରହିଥିବା ମନ୍ତ୍ରୀ କହିଛନ୍ତି।

# ବିଧାନସଭା-ହେନ୍ତାଳବଣ

ରାଜ୍ୟର ସମୁଦ୍ର ତଟବର୍ତ୍ତୀ ୫ଟି ଜିଲ୍ଲାରେ ପ୍ରାୟ ୨୫୯ ଦଶମିକ ୦/୬ ବର୍ଗକିଲୋମିଟର ହେନ୍ତାଳବଣ ରହିଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବିଧାନସଭାରେ ସୂଚନା ଦେଇଛନ୍ତି। ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ବିଭିନ୍ନ ଯୋଜନା ମାଧ୍ୟମରେ ମୋଟ୍ ୧ ହଜାର ୧୯୮ ହେକ୍ଟର ପରିମିତ ଅଂଚଳରେ ହେନ୍ତାଳ ବଣ ସୃଷ୍ଟି ଲକ୍ଷ୍ୟ ନେଇ ଚାରା ରୋପଣ କରାଯାଇଛି। ଏଭଳି ପଦକ୍ଷେପ ହେନ୍ତାଳ ବଣ ପରିସୀମା ବୃଦ୍ଧିରେ ସହାୟକ ହୋଇଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

## ବିଧାନସଭା-ଧାନସଂଗ୍ରହ

ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ ବର୍ତ୍ତମାନସୁଦ୍ଧା ୬୧ ଲକ୍ଷ ୭୭ହଜାର ୪୮୮ ମେଟ୍ରିକ୍ଟନ୍ ଖରିଫ୍ ଧାନ ସଂଗ୍ରହ କରାଯାଇଛି ବୋଲି ବିଧାନସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗନେଇ ଶ୍ରୀ ପାତ୍ର କହିଛନ୍ତି, ଧାନକିଣା ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଅନିୟମିତତା ପ୍ରଦର୍ଶନ କରୁଥିବା କ୍ଷେତ୍ରରେ ଦୃଢ଼

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ୨୬ଟି ମିଲ୍ ମାଲିକଙ୍କୁ କଳା ତାଲିକାଭୁକ୍ତ କରାଯିବା ସହିତ ୯ ଜଣ ମିଲର୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

ଗତକାଲି ସୁଦ୍ଧା ୧୩ ଲକ୍ଷ ୫୭ ହଜାର ୨୨୪ ଜଣ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଇ କ୍ରୟ ବାବଦରେ ୧୪ ହଜାର ୨୦୮ କୋଟି ଟଙ୍କା ପ୍ରଦାନ କରାଯାଇଛି । ଚଳିତ ଖରିଫ୍ ଋତୁରେ ଧାନ ସଂଗ୍ରହ ୫୬ ଲକ୍ଷ ୪୨ ହଜାର ଏକରକୁ ବୃଦ୍ଧି ପାଇଛି । ଏପର୍ଯ୍ୟନ୍ତ ୨ ହଜାର ୬୨୬ଟି ପ୍ରାଥମିକ କୃଷି ସମବାୟ ସମିତି ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଥିବା ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

ଧାନ ସଂଗ୍ରହ ପ୍ରକ୍ରିୟାରେ କଟନୀ-ଛଟନୀ ଅଭିଯୋଗକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ କ୍ରୟ କେନ୍ଦ୍ରରେ ସମସ୍ତ ପ୍ରକାର ମାନ ପରୀକ୍ଷଣ ଯନ୍ତ୍ର ବ୍ୟବହାର କରାଯାଉଛି । ଏପରିକି ପରୀକ୍ଷାମୂଳକ ଭାବେ ୨୦୦ଟି କେନ୍ଦ୍ରରେ ସ୍ୱୟଂଚାଳିତ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ମାନ ପରୀକ୍ଷଣ ଯନ୍ତ୍ର ବ୍ୟବହାର କରାଯାଉଥିବା ନେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି । କ୍ଷୁଦ୍ର ଚାଷୀ ଏବଂ ଭାଗଚାଷୀଙ୍କଠାରୁ ଧାନ ଅଗ୍ରାଧିକାର ଭିତ୍ତିରେ କ୍ରୟ କରିବାକୁ ନିଷ୍ପତ୍ତି ନିଆଯାଇଛି ।  ଧାନ ସଂଗ୍ରହକୁ ସ୍ୱଚ୍ଛ ଏବଂ ସୁଚାରୁରୂପେ ସମ୍ପାଦନ କରିବା ଲକ୍ଷ୍ୟ ନେଇ ପ୍ରଥମଥର ପାଇଁ ଚଳିତବର୍ଷ ମଣ୍ଡିରେ ନୋଡାଲ ଏବଂ ତଦାରଖ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି ବୋଲି ମନ୍ତ୍ରୀ ଗୃହରେ କହିଛନ୍ତି ।

## ଉଚ୍ଚସ୍ତରୀୟ କମିଟି ଗଠନ

ଭୁବନେଶ୍ୱରର ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଛାତ୍ରୀମୃତ୍ୟୁ ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଏଥିସହ ଘଟଣାରେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟର ସୁରକ୍ଷାକର୍ମୀଙ୍କ ଦୁର୍ବ୍ୟବହାର ସଂକ୍ରାନ୍ତ ଅଭିଯୋଗକୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ କୁହାଯାଇଛି। ଘଟଣାରେ ଜଡିତ ସମସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି.....

**- V/O -** *(Suryabansi Suraj)*

## +୨ ପରୀକ୍ଷା

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ଯୁକ୍ତଦୁଇ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି । ସକାଳ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଚାଲିଥିଲା। ଚଳିତବର୍ଷ ୩ ଲକ୍ଷ ୯୩ ହଜାର ୬୧୮ ଜଣ ଛାତ୍ରଛାତ୍ରୀ ଯୁକ୍ତଦୁଇ ପରୀକ୍ଷା ଦେଉଛନ୍ତି । ଆସନ୍ତାମାସ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷା ପାଇଁ ଚଳିତବର୍ଷ ୧ ହଜାର ୨୭୬ଟି ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି । ପ୍ରଥମ ଥର ପାଇଁ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପରୀକ୍ଷାକୁ ଏକ ସମୟରେ କରାଯାଇଛି।

## ଗ୍ରୀଷ୍ମ-ମାର୍ଗଦର୍ଶିକା

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସକାଳୁଆ ପାଠପଢ଼ା ଓ ପରୀକ୍ଷା ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। ଏ ନେଇ

ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ଚିଠି ଲେଖାଯାଇଛି। ମଧ୍ୟାହ୍ନ ସମୟରେ ବାହ୍ୟ କାର୍ଯ୍ୟକ୍ରମକୁ ସୀମିତ ରଖିବାକୁ କୁହାଯାଇଛି। ଉଚ୍ଚଶିକ୍ଷାନୁଷ୍ଠାନ-ଗୁଡ଼ିକରେ ଓଆରଏସ୍ ଓ ପାନୀୟ ଜଳ ମହଜୁଦ୍ ରଖିବା ସହ ଆବଶ୍ୟକସ୍ଥଳେ ନଳକୂପ ଏବଂ ପାଣି ପମ୍ପ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମାର୍ଗଦର୍ଶିକାର କାର୍ଯ୍ୟକାରିତା ଯାଞ୍ଚ ପାଇଁ ଏକ ସ୍କ୍ୱାଡ୍ ଗଠନ କରାଯିବ।

# ପିଏମ୍-ଫସଲ ବୀମା ଯୋଜନା

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ ଆଜି ୯ ବର୍ଷ ପୂରିଛି । ୨୦୧୬ ମସିହାରେ ଫସଲ ହାନୀ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତିର ଶିକାର ହୋଇଥିବା କୃଷକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଯୋଜନାର ଶୁଭାରମ୍ଭ କରିଥିଲେ ।

କୃଷକଙ୍କ ଆୟକୁ ସୁନିଶ୍ଚିତ କରିବା କ୍ଷେତ୍ରରେ ଏହି ଯୋଜନାରେ ଅଭିନବ କୃଷି ପଦ୍ଧତିର ଗ୍ରହଣୀୟତାକୁ ପ୍ରୋତ୍ସାହିତ କରୁଛି। ଆଗାମୀ ଆର୍ଥିକବର୍ଷରେ ଏହି ଯୋଜନାରେ କେନ୍ଦ୍ର ସରକାର ବଜେଟ୍‌ରେ ଅଣସ୍ତରୀ ହଜାର ୫୧୫ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ପାଣିପାଗ ଭିତ୍ତିକ ଫସଲ ବୀମା ଯୋଜନା ଜାରି ରଖିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି।

# ଯୁବ ବିନିମୟ

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାସ୍ଥିତ ସମ୍ପ୍ରସାରଣ ପ୍ରଶିକ୍ଷଣ କେନ୍ଦ୍ରଠାରେ ଆନ୍ତଃ ଜିଲ୍ଲା ଯୁବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ କଟକ ଜିଲ୍ଲାରୁ ୨୭ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି । ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର କଳା, ସାଂସ୍କୃତିକ ପରମ୍ପରା, କ୍ରୀଡା ଏବଂ ଦର୍ଶନୀୟ ସ୍ଥାନଗୁଡ଼ିକ ଉପରେ ଆଲୋକପାତ କରାଯାଇଛି ।  ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଏହି ଛାତ୍ରଛାତ୍ରୀମାନେ ପରିଦର୍ଶନରେ ଯିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତା ୨୨ ତାରିଖରେ ଏହା ଉଦ୍‌ଯାପିତ ହେବ । ସୂଚନାଯୋଗ୍ୟ, ବିଭିନ୍ନ ଜିଲ୍ଲାର କଳା, ସଂସ୍କୃତି ଓ ପରମ୍ପରାକୁ ପରସ୍ପର ମଧ୍ୟ ଆଦାନପ୍ରଦାନ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ମନ୍ତ୍ରଣାଳୟ ଆନୁକୂଲ୍ୟରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

## ଅଲିଭ୍ ରିଡ୍‌ଲେ

**ଗଞ୍ଜାମ** ଜିଲ୍ଲା ଋଷିକୂଲ୍ୟ ମୁହାଣ ପୋଡମ୍‌ପେଟା ଗ୍ରାମଠାରୁ ବଟେଶ୍ୱର ମନ୍ଦିର ନିକଟସ୍ଥ ସମୁଦ୍ର ବେଳାଭୂମିରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟା ଜାରି ରହିଛି । ଗତ ରବିବାରଠାରୁ ଏପର୍ଯ୍ୟନ୍ତ ୨ ଲକ୍ଷ ୧୮ ହଜାର ୮୦୦ ରୁ ଅଧିକ ଅଣ୍ଡାଦାନ ହୋଇଥିବା ଜଣାପଡିଛି । ପାଗ ଅନୁକୂଳ ଥିବାରୁ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟା ବୃଦ୍ଧି ପାଉଛି । ଏହି ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ବନବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ବନକଲାଗି ନୀତି

**ପୁରୀ** ଶ୍ରୀମନ୍ଦିରରେ ଆସନ୍ତାକାଲି ଫାଲଗୁନ କୃଷ୍ଣ ଷଷ୍ଠୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗନୀତି ଶେଷ ହେବା ପରେ ଏହି ଗୁପ୍ତ ନୀତି କରାଯିବ। ଅପରାହ୍ଣ ୫ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ବନକଲାଗି ନୀତି ପାଇଁ ଆସନ୍ତାକାଲି ଓ ତା ପରଦିନ ଦୁଇଦିନ ପାଇଁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସଚେତନତା ଶିବିର

**ଦେବଗଡ଼** ଆଦର୍ଶ ସ୍ନାତକ ମହାବିଦ୍ୟାଳୟଠାରେ ଛାତ୍ରୀ ଆତ୍ମସୁରକ୍ଷା ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିଜୟ କୁମାର ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୌଶଳ ନେଇ ତାଲିମ ପ୍ରଦାନ କରାଯାଇଥିଲା। ତାଲିମପ୍ରାପ୍ତ ଛାତ୍ରୀଙ୍କୁ ଏ ସଂକ୍ରାନ୍ତ ସାର୍ଟିଫିକେଟ ମଧ୍ୟ ପ୍ରଦାନ କରାଯାଇଥିଲା। ସେହିଭଳି ବନାଗ୍ନି କାରଣ ଏବଂ ନିରାକରଣ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି।

## ହକି

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ହକି ପ୍ରତିଯୋଗିତାରେ ଆଜି ତିନୋଟି ମ୍ୟାଚ୍ ଖେଳାଯାଉଛି। ଅପରାହ୍ଣ ୩ଟାରେ ଅନୁଷ୍ଠିତପୁରୁଷ ବର୍ଗର  ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ-ସ୍ପେନ୍‌କୁ ପରାସ୍ତ କରିଛି। ମହିଳା ବର୍ଗରେ ଭାରତ ଓ ସ୍ପେନ୍ ମଧ୍ୟରେ ମୁକାବିଲା ଜାରି ରହିଛି। ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଉଭୟ ଦଳ ୨/୨ ଗୋଲ୍ ସ୍କୋର କରିଛନ୍ତି। ରାତି ସାଢ଼େ ୭ଟାରେ ପୁରୁଷ ବର୍ଗରେ ଭାରତ-ଜର୍ମାନୀ ମଧ୍ୟରେ ମ୍ୟାଚ୍ ଖେଳାଯିବ।

## ପାଣିପାଗ

ରାଜ୍ୟର କେତେକ ସ୍ଥାନରେ ଆସନ୍ତାକାଲିଠାରୁ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି ।

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି।